
ପାଠ-୧୭

# ସାଜସଜା କରିବା



ସୁନୀତାର  ଜନ୍ମ  ଦିନ । ସାଙ୍ଗସାଥୀ ସମସ୍ତେ ମିଶି ଭୋଜି ଖାଇଲେ । ସମସ୍ତେ ଗପସପ ଓ ମଜା କରୁଥାନ୍ତି । ଘରକୁ ଫେରିଯିବାକୁ ମୁନା, ରୀନା ଅପାକୁ ମନେମନେ ଖୋଜୁଥାଏ । ଠିକ୍ ଏତିକିବେଳେ ରୀନା ଅପାର ଚେହେରା ଦେଖି

'ରୀନା ଅପା'କହି ପଛରୁ ଜାବୁଡ଼ି ଧରିଲା ।

ମୁନା କହିଲା,  "ଅପା, ଚାଲ ଘରକୁ ଯିବା ।"

ନୀତା ବୁଲି ପଡ଼ି ମୁନାକୁ ଚାହିଁ କହିଲା,  "କ'ଣ କିରେ ମୁନା । ମୁଁ ରୀନା ଅପା – ନୁହେଁ ।"

ନୀତାକୁ ଦେଖି ମୁନା ଭେଁ କରି କାନ୍ଦି ଉଠିଲା ।

ରୀନା ଅପା କାହିଁ ........ ?





ମୁନାର କାନ୍ଦ ଶୁଣି ରୀନା ଦୌଡ଼ି ଆସିଲା । ମୁନା ନୀତାକୁ ଛାଡ଼ି ରୀନାକୁ ଜାବୁଡ଼ି ଧରିଲା ।

ମୁନା କହିଲା - "ଦେଖ ଅପା, ତୋ ମୁଣ୍ଡ ବେଣି - ନୀତା ଦିଦି ମୁଣ୍ଡ ବେଣି, ତୋ ଫ୍ରକ - ନୀତା ଦିଦି ଫ୍ରକ ଏକା ଭଳି ।

ତୋ ଫ୍ରକ୍‌ରେ ମାଳି ଓହଳିଛି, ନୀତା ଦିଦି ଫ୍ରକ୍‌ରେ ବି ମାଳି ଓହଳିଛି ।

ତୋ ଫ୍ରକ୍‌ର ଧଡିରେ ଚାରିକଣିଆ ଚିତ୍ର ଅଛି,

ନୀତା ଦିଦି ଫ୍ରକ୍‌ରେ ସେମିତି ଚିତ୍ର ଅଛି ।

ତୋ ଫ୍ରକ୍‌ରେ ହଂସ ଚିତ୍ର ଅଛି, ନୀତା ଦିଦିର ତ ଅଛି ।

ତୋ ଫ୍ରକ୍‌ର ଅଣ୍ଟାରେ ଚୁମୁକି ଲାଗିଛି, ନୀତା ଦିଦିର ବି ଲାଗିଛି ।

ମୁଁ ନୀତା ଦିଦିକୁ ତୁ ଭାବି ପଛରୁ ଧରି ପକାଇଲି,

କିନ୍ତୁ ଦେଖିଲାବେଳକୁ ସେ ତୁ ନୁହେଁ ।"




ରୀନା କହିଲା - ସାବାସ୍, ତୁ ବଢିଆ ଦେଖି ପାରୁଛୁ-

- ଦେଖି କହିଲୁ, ମୋ ଫ୍ରକ୍‌ରେ ଥିବା କେଉଁ ଚିତ୍ରଗୁଡିକ ସାନୁ ସାର୍ଟରେ ଅଛି ?

.................................................................


- ମୋ ଫ୍ରକ୍‌ର କେଉଁ ଚିତ୍ରଗୁଡିକ ଦୀପୁ ସାର୍ଟରେ ଥିବା ଚିତ୍ର ସହ ସମାନ ?

.................................................................


- ମୋ ଫ୍ରକ୍‌ର କେଉଁ ଚିତ୍ରଗୁଡ଼ିକ ସାନିଆ ଫ୍ରକ୍‌ରେ ଥିବା ଚିତ୍ର ସହ ସମାନ ?

.................................................................

- ସମାନ ଚିତ୍ରରେ ଏକ ପ୍ରକାର ରଙ୍ଗ ଦିଅ ।



 ଏହି ଆକୃତିଟି ଯେଉଁ ଚିତ୍ରରେ ନାହିଁ ତା' ଉପରେ ' × ' ଚିହ୍ନ ଦିଅ ।



- ପତ୍ରସଜାଗୁଡ଼ିକୁ ଦେଖି ଆଗକୁ ଦୁଇଟି ଚିତ୍ର କର ।



- ତୁମେ ଇଚ୍ଛା ଅନୁସାରେ ପତ୍ର ନେଇ ନୂଆ ଢ଼ଙ୍ଗରେ ଚଟାଣରେ ସଜାଅ ।

ନିର୍ଦ୍ଦିଷ୍ଟ ଆକାର ଓ ଆକୃତିର ବସ୍ତୁ ଓ ଚିତ୍ରଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ କ୍ରମରେ ସଜାଇଲେ ଏକ ସଂରଚନା ହୁଏ ।

# ଅଭ୍ୟାସ କାର୍ଯ୍ୟ


୧. ଆଗକୁ ଚିତ୍ର କର ।

(କ) 

(ଖ) 

(ଗ) 


୨. ଝୋଟିକୁ ସଂପୂର୍ଣ୍ଣ କର -



୩. ଆଗକୁ ଚିତ୍ର କରିବା ପାଇଁ କାଳୁକୁ ସାହାଯ୍ୟ କର ।

(କ) 

(ଖ) 

## ଆଙ୍ଗୁଳି ଛାପରୁ ଚିତ୍ର

ସୁବୋଧ ବାପାଙ୍କ ଟେବୁଲ୍‌ରୁ କାଳି ପ୍ୟାଡ୍‌ଟା ଆଣି, ଆଙ୍ଗୁଠି ଛାପ ଦେଇ କ'ଣ କ'ଣ ଚିତ୍ର କରିଛି ଦେଖ -



- ଆଙ୍ଗୁଠି ଛାପ ଦେଇ,ନିଜ ମନରୁ ଯେତେ ପାରୁଛ ସେତେ ଚିତ୍ର କର ।

- ଝଡ଼ିବର୍ଷା ପରେ ଶିଲି ବଗିଚା ଭିତରକୁ ଗଲା । ପତ୍ରଗୁଡ଼ିକ ଏଣେତେଣେ ମେଞ୍ଚା ମେଞ୍ଚା ହୋଇ ପଡ଼ିଛି । ବାଲି, ମାଟି, ପାଣି ତା ଉପରେ ଗଡ଼ି ଯାଇଛି । ଏକାଠି ପଡ଼ିଥିବା ୪/୫ଟି ପତ୍ର ଟେକି ଦେଖିଲା, ପତ୍ରଗୁଡିକର ଛାପ ପଡ଼ି ଯାଇଛି ।

  ବାଃ......... କି ବଢ଼ିଆ ଚିତ୍ର ।

  ତା' ମୁଣ୍ଡକୁ ଗୋଟିଏ ବୁଦ୍ଧି ଜୁଟିଲା – 'ପତ୍ରକୁ ରଂଗରେ ବୁଡ଼ାଇ ପତ୍ର ଛାପରେ ଚିତ୍ର କଲେ କେମିତି ହୁଅନ୍ତା ?

  ସେ କ'ଣ କ'ଣ ଚିତ୍ର କଲା ଦେଖ –




**ଶିକ୍ଷକଙ୍କ ପାଇଁ ସୂଚନା –** ବିଭିନ୍ନ ପ୍ରକାର ପତ୍ର ସଂଗ୍ରହ କରି ତାକୁ ରଂଗରେ ବୁଡ଼ାଇ ଯତ୍ନର ସହିତ ଧଳା କାଗଜ ଉପରେ ଚାପି ପତ୍ରର ଛାପ ତିଆରି କରିବେ । ବାହାର ଧାରକୁ କଲମ ବା ଅନ୍ୟ ରଂଗ କଲମରେ ଗାର ଟାଣି ଧାର ତିଆରି କରିବେ ।

ତୁଳସୀ ଓ ନିମ୍ବ ପତ୍ର ନେଇ ସେମାନଙ୍କର ଛାପରେ ଚିତ୍ର ତିଆରି କର ।


- ଏବେ ସେ ବିଭିନ୍ନ ପ୍ରକାର ପରିବାକୁ କାଟି ରଂଗରେ ବୁଡ଼ାଇ କ'ଣ କଲା ଦେଖ –

(କ)



ଭେଣ୍ଡିକୁ କାଟି ରଂଗରେ ବୁଡ଼ାଇ ଛାପ ତିଆରି କର ।

(ଖ)



କଲରାକୁ କାଟି ରଂଗରେ ବୁଡ଼ାଇ ଛାପ ତିଆରି କର ।

# ବାକ୍ସରେ ଖାଲିଥିବା ସ୍ଥାନ ପୂରଣ କର ।


| | | | | | | | | |
|---|---|---|---|---|---|---|---|---|
| 3 | 1 | 2 | | 9 | 5 | | 7 | 6 |
| 5 | | 9 | 1 | | 7 | | 8 | 2 |
| 4 | | 7 | 2 | 6 | 3 | 5 | | |
| 9 | | | 7 | | | 2 | 4 | |
| | 2 | 8 | | 1 | | | 9 | 3 |
| | 3 | | 9 | 8 | 2 | | 5 | 7 |
| | 4 | 5 | 6 | | | | 3 | 1 |
| 1 | 7 | | 3 | 5 | 8 | 9 | | 4 |
| 8 | | 3 | 4 | 2 | | 7 | | 5 |

| | | | | | |
|---|---|---|---|---|---|
| 2 | | 1 | 6 | 3 | 4 |
| | 4 | 6 | 2 | 5 | |
| 1 | 2 | 5 | | 6 | |
| 4 | 6 | 3 | 5 | | 2 |
| | 1 | 4 | | 2 | 6 |
| 6 | 3 | 2 | 1 | | 5 |


| | | | | | |
|---|---|---|---|---|---|
| 1 | | 6 | 3 | 2 | 5 |
| 2 | 5 | | 1 | | 6 |
| 6 | | | 5 | 3 | |
| 5 | | 4 | 2 | 6 | |
| 3 | 6 | 1 | | | 2 |
| | | 5 | 6 | 1 | |

## ପ୍ରଥମ ଚିତ୍ରକୁ ଦେଖି ଦ୍ୱିତୀୟ ଚିତ୍ରରେ ମିଳାଇ ଖାଲିଥିବା ସ୍ଥାନ ପୂରଣ କର ।

ଚିତ୍ର - ୧




ଚିତ୍ର - ୨



# ସମୂହ ଗୀତ

ତୁହି ମା ! ଜନମଭୂମି            ପବିତ୍ର ଭାରତଭୂମି
ତୋହର ସନ୍ତାନ ଆମ୍ଭେ ଅଟୁ ସରବେ,
ତୋର ଶ୍ରୀଚରଣ ସେବା-        ପାଇଁ ମନ ପ୍ରାଣ ଦେବା
ଗାଇବା ତୋହର ଗୀତ ଆନନ୍ଦ-ରବେ;
ତୋ ଆନନ୍ଦେ ହୋଇବା ସୁଖୀ
କାନ୍ଦିବା ଦୁଃଖରେ ତୋର ହୋଇଣ ଦୁଃଖୀ ।

ଧନ୍ୟ ମହିମା ତୋହର            ନାହିଁ ତୋର ପଟାନ୍ତର
ମସ୍ତକରେ ହିମାଳୟ ପର୍ବତ ବର,
ଦୁଇ ପାରୁଶେ ଜଳଧି            ବହ୍ମପୁତ୍ର ସିନ୍ଧୁ ନଦୀ
ଚରଣରେ ବିରାଜିତ ମହାସାଗର;
ବିନ୍ଧ୍ୟ ଗିରିବର କଟିରେ,
ଗଙ୍ଗା ଆଦି କେତେ ନଦୀ ଶୋଭେ ଶରୀରେ ।

ଜନମିଲେ ତୋ କୋଳରେ            କେତେ ସୁର ବୀର ନରେ
ରାମଚନ୍ଦ୍ର ଭୀଷ୍ମ ଦ୍ରୋଣ କର୍ଣ୍ଣ ଅର୍ଜ୍ଜୁନ,
ମହାକବି ବେଦବ୍ୟାସ            ବାଲମୀକ କାଳିଦାସ

ଗାଇଲେ ପବିତ୍ର କଣ୍ଠେ ତୋହର ଗୁଣ;
ଚୈତନ୍ୟାଦି ମହାତ୍ମା ଜନେ
ପ୍ରଚାରିଲେ ବିଭୁ ନାମ ଆନନ୍ଦ-ମନେ ।

କେତେ କେତେ ପୁଣ୍ୟବତୀ     କେତେ ପତିବ୍ରତା ସତୀ
କେତେ ବୀରନାରୀ କେତେ ବୀରଜନନୀ,
ସମସ୍ତେ ତୋର ଦୁହିତା     ପଦ୍ମିନୀ ସାବିତ୍ରୀ ସୀତା
ଦୁର୍ଗାବତୀ ଆଦି କେତେ ବୀର ରମଣୀ;
ନମଇ ମା ! ଭକତି ଭରେ
ଅଧମ ଅକ୍ଷମ ସୁତ ତୋ ଚରଣରେ ।

ମଧୁସୂଦନ ରାଓ